# ଅନାଥାଶ୍ରମକୁ ନୂଆଁଖାଇ ଅଢ଼ିଆ ପହଞ୍ଚାଇଲା ମହିଳା ସମିତି

ଥୁଆପାଲି, ୨୩।୮ (ସମିସ)



ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ପପଙ୍ଗା ସ୍ଥିତ ବଡ଼ ପିପିଲିପାଲି ଅନାଥାଶ୍ରମର ତଥା ବୃଦ୍ଧାଶ୍ରମ, ଗୋଶାଳାର 'ଆନନ୍ଦ ସେବାସଦନ' ଅନ୍ତେବାସୀଙ୍କୁ ବରଗଡ଼ ମହିଳା ସମିତି ପକ୍ଷରୁ ନୂଆଁଖାଇ ଅଢ଼ିଆ ପହଞ୍ଚା ଯାଇଛି। ୩୦ ଜଣ ଅନ୍ତେବାସୀ ପୁରୁଷ, ମହିଳା, ବାଳିକା ଓ ଶିଶୁଙ୍କ ପାଇଁ ଶାଢ଼ୀ, ଧୋତି, ଗାମୁଛା, ସାର୍ଟ, ସଲୱାର୍, ଶିଶୁ ଡ୍ରେସ ସାଙ୍ଗକୁ ନୂଆଁଖାଇ ପାଇଁ ଆବଶ୍ୟକ ସମସ୍ତ ଖାଦ୍ୟ ସାମଗ୍ରୀ ଓ ପନିପରିବା ଭେଟି ପ୍ରଦାନ କରିଥିଲେ। ସଂଘର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଲା ଦାଶ ଓ କୋଷାଧକ୍ଷ ମମତା ମିଶ୍ରଙ୍କ ନେତୃତ୍ୱରେ ସମିତିର ୩୦ ଜଣ ସଦସ୍ୟା ସେବା ସଦନ ପରିଦର୍ଶନ ପୂର୍ବକ ସମସ୍ତଙ୍କୁ ନୂଆଁବସ୍ତ୍ର ଓ ଅଢ଼ିଆ ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ ସୁନିତା, ମନ୍ଦାକିନୀ, ସସ୍ମିତା, କନକ, ମଞ୍ଜୁ, ବାସନ୍ତୀ, ମୀନା, କବିତା, ସବିତା, ରାନି, କମଳିନୀ, ଜୟଗୀଟା, ବୀଣାପାଣି, ସୈବଳିନି, ଗୀତା, ଜୟଶ୍ରୀ, ନିବେଦିତା, ମୀନାକ୍ଷୀ, ସଙ୍ଗୀତା, ସ୍ୱାଧିନୀ, ହାରଜିନ୍ଦର୍, ଦେବକୀ, ବିନୋଦିନୀ, ପ୍ରଣତି, ମଞ୍ଜୁ ପ୍ରମୁଖ ସାମିଲ ହୋଇଥିଲେ। ନୂଆଁଖାଇ ଭେଟି ପାଇ ଆନନ୍ଦ ସେବା ସଦନର ଅନ୍ତେବାସୀ ଗଣ ତଥା ପରିଚାଳକ ଆନନ୍ଦ ସେଠ ଆନନ୍ଦର ସହ ବରଗଡ଼ ମହିଳା ସମିତିକୁ କୃତଜ୍ଞତା ଜଣାଇଥିଲେ।

## ୩୦୦ ଦିନ କାମ ସହିତ ୩୫୨ ଟଙ୍କା ମଜୁରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସରପଞ୍ଚଙ୍କ ଚିଠି

ଝାରବନ୍ଧ, ୨୩।୮ (ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ କନ୍ଦାଡ଼ୁଙ୍ଗର ପଞ୍ଚାୟତ ସରପଞ୍ଚ ସୁନୀଲ ରାୟ ଜବକାର୍ଡ ଧାରୀଙ୍କୁ ୩୦୦ ଦିନର କାର୍ଯ୍ୟ ସହିତ ଦୈନିକ ମଜୁରୀ ୩୫୨ ଟଙ୍କା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। କନ୍ଦାଡୁଙ୍ଗର ଏକ ଦାଦନ ପ୍ରବଣ ପଞ୍ଚାୟତ ଅଟେ। ବିଗତ ବର୍ଷ ମାନଙ୍କରେ ମନରେଗା ବଳରେ କିଛି ମାତ୍ରାରେ ଦାଦନ ସମସ୍ୟା ଦୂର ହୋଇପାରିଛି। ହେଲେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବହୁ ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି। ଜବକାର୍ଡ ଧାରୀଙ୍କୁ ୩୦୦ ଦିନର କାର୍ଯ୍ୟ ନ ମିଳିବାରୁ ଦାଦନ ଦଲାଲ ମାନଙ୍କ ଠାରୁ ଟଙ୍କା ଅଗ୍ରିମ ନେଇ ଦାଦନ ଖଟି ଯିବାପାଇଁ ଆଲୋଚନା ହେଉଛି। ସରକାର ଝାରବନ୍ଧ ବ୍ଲକର ପ୍ରତ୍ୟେକ ଜବକାର୍ଡ ଧାରୀଙ୍କୁ ୩୦୦ ଦିନର କାର୍ଯ୍ୟ ସହିତ ଦୈନିକ ମଜୁରୀ ଯୋଗାଇ ଦେଲେ ଦାଦନ ଯିବାରୁ ଶ୍ରମିକଙ୍କୁ ରୋକା ଯାଇପାରିବ ବୋଲି କନ୍ଦାଡ଼ୁଙ୍ଗର ପଞ୍ଚାୟତ ସରପଞ୍ଚ ସୁନୀଲ ରାୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ କହିଛନ୍ତି।

## ଡୁଙ୍ଗୁରିପାଲି ବିଶ୍ୱକର୍ମା ପୂଜା କମିଟି ଗଠିତ



ଝାରବନ୍ଧ, ୨୩।୮ (ସମିସ): ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତର ଡୁଙ୍ଗୁରିପାଲି ଗାଁର ବିଶ୍ୱକର୍ମା ପୂଜା ମଣ୍ଡପ ଠାରେ ବିଶ୍ୱକର୍ମା ପୂଜା ପାଳନ କରିବା ପାଇଁ ଦିନେଶ ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୮ ତମ ପୂଜା ମହାସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା। ବିଶ୍ୱକର୍ମା ପୂଜା ପାଳନ କମିଟି ଗଠନ ହୋଇଥିଲା। କମିଟିର ସଭାପତି ଭାବେ ବଳରାମ ଖମାରି, ଉପସଭାପତି ଭାବେ ଦିନେଶ ମହାପାତ୍ର, ସମ୍ପାଦକ ଭାବେ ଶେଷ ସା, ସହସମ୍ପାଦକ ଭାବେ ପ୍ରବୀଣ ଭୋଇଙ୍କୁ ମନୋନୀତ କରାଯାଇଛି। ସେହିପରି କମିଟିରେ ଅମର ପ୍ରଧାନ, ନନ୍ଦଲାଲ ସା, ଅଶ୍ୱିନୀ ପ୍ରଧାନ, ରାଧେଶ୍ୟାମ ଖମାରି, ତୁଲାରାମ ଶତନାମୀ, ମନୋଜ ପ୍ରଧାନ, ପରଦେଶୀ ପ୍ରଧାନ, ଜୟଦେବ ପ୍ରଧାନ, କମଳାକାନ୍ତ ପ୍ରଧାନ, ରାଜେଶ ପଟେଲ, ଦେବରାଜ ବନଛୋର, ବିଦ୍ୟାଧର ପ୍ରଧାନ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ସପତ୍ନୀକ ସରୋଜ ମାଝୀ କର୍ତ୍ତା ଦାୟିତ୍ୱ ତୁଲାଇବାର ସୂଚନା ରହିଛି। ବୈଠକରେ ଚାଳକ ସଂଘର କର୍ମକର୍ତ୍ତା, ଗାଡି ମାଲିକ, ନିର୍ମାଣ ଶ୍ରମିକ ଏବଂ ଗାଁର ଲୋକ ଉପସ୍ଥିତ ଥିଲେ।

## ଯୁବ ସଂସଦ ପ୍ରତିଯୋଗିତାରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର କୃତିତ୍ୱ



ବରଗଡ଼, ୨୩।୮ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଶିକ୍ଷା ମନ୍ତ୍ରାଳୟ ଭାରତ ସରକାର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ତଥା ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିବାରେ ସଫଳ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱର ସମ୍ଭାଗ ଅଧିନସ୍ତ ୭୭ କେନ୍ଦ୍ରୀୟ ବିଦ୍ୟାଳୟରୁ ସମୁଦାୟ ୮ ଟି ବିଦ୍ୟାଳୟ ଯଥା ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ କ୍ରମାଙ୍କ ୩, କ୍ରମାଙ୍କ ୪ ପୁରୀ, ବରଗଡ଼, ଅନୁଗୁଳ, ଚିଲିକା, ବନ୍ଧମୁଣ୍ଡା, ବ୍ରହ୍ମପୁର ବିଦ୍ୟାଳୟ ଗୁଡିକ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବରଗଡ଼ ପ୍ରଥମ ସ୍ଥାନ ଲାଭ କରି ଆଗାମୀ ଦିନରେ ଜାତୀୟ ସ୍ତରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। କାର୍ଯ୍ୟକ୍ରମଟି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଯୋଗେଶ ରଣାଙ୍କ ନିର୍ଦ୍ଦେଶନାରେ ପରିଚାଳିତ ହୋଇଥିଲା। କାର୍ଯକ୍ରମକୁ ଆଗେଇ ନେବାରେ ଦେବୋମିତଓ ସରକାର, ଡ.ଉମାକାନ୍ତ ବାରିକ, କବିତାରାଣୀ, ବିଦ୍ୟାଧର ବରାଇ, ସଂଗ୍ରାମ ମିଶ୍ର, ସୋନୀୟା ଦାସ, ପ୍ରଭାତ ସାହୁ, ରଙ୍ଗନାଥ ପାଣିଗ୍ରାହୀ, ସୀମା ଶର୍ମା, ମୁକ୍ତେଶ୍ୱରି ସାହୁ ଆଦି ଶିକ୍ଷକମାନଙ୍କ ସହଯୋଗ ଥିଲା।

## ପାଇକମାଳ ବ୍ଲକସ୍ତରୀୟ ଭଲିବଲ୍ ଚୟନ

ପାଇକମାଳ, ୨୩।୮ (ସମିସ): ପାଇକମାଳ ବ୍ଲକ ସ୍ତରୀୟ ଭଲିବଲ୍ ଚୟନ ରାଜ ସିଂ ବରିହା ଉଚ୍ଚ ବିଦ୍ୟାଳୟ ବାଦିକଟା ଠାରେ ପ୍ରଧାନଶିକ୍ଷକ ନନ୍ଦକିଶୋର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚୟନ ଶିବିରରେ ମୁଖ୍ୟ ଅତିଥି ଚକାମନ ସୁନା ଏବିଇଓ ପାଇକମାଳ ଯୋଗ ଦେଇଥିଲେ। ବ୍ଲକ କ୍ରୀଡା ସମ୍ପାଦକ ସୁଦର୍ଶନ ମହାକୁରଙ୍କ ତତ୍ତ୍ୱାବଧାନରେ



ଉପସ୍ଥିତ ଥିବା ୫୬ ଜଣ ଖେଳାଳିଙ୍କ ମଧ୍ୟରୁ ୧୨ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଥିଲା। ଚୟନ ହୋଇଥିବା ଖେଳାଳି ଝାରବନ୍ଧ ବ୍ଲକ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଭଲିବଲ ଚୟନ ଶିବିରରେ ଖେଳ ପ୍ରଦର୍ଶନ କରିବେ। ଖେଳ ଶିକ୍ଷକ ଘନଶ୍ୟାମ ପଧାନ, ଅମିତ ସାହୁ, ନାରାୟଣ ସାହୁ, ରଜତ ମିଶ୍ର, ପ୍ରିତମ ପଣ୍ଡା, ଶିବାନୀ କର୍ଣ୍ଣାଲ, ଗଣେଶ ସାହୁ, ଅକ୍ଷୟ ସାହୁ, କଳାନିଧି ଝାଙ୍କର ଓ କେସବଚନ୍ଦ୍ର ଅଦାବରିଆ ପରିଚାଳନା କରିଥିଲେ। ବାଦିକଟା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଅସହାୟ ରୋଗୀଙ୍କୁ ଘରକୁ ପଠାଇଲେ ସମାଜସେବୀ



ସମ୍ବଲପୁର, ୨୩।୮ (ସମିସ): ବୌଦ୍ଧ ଜିଲ୍ଲାର ୫୦ ବର୍ଷ ବୟସ୍କା ପ୍ରତିମା ଯାଦବଙ୍କୁ ତାଙ୍କ ସ୍ୱାମୀ ହର୍ଜନ ଯାଦବ ଗତ ଜୁଲାଇ ୧୩ ତାରିଖ ବୁର୍ଲା ଭିମସାର ମହିଳା ମେଡିସିନ ୱାର୍ଡରେ ଭର୍ତ୍ତି କରିଥିଲେ। ଜୁଲାଇ ୨୬ ତାରିଖ ହର୍ଜନ ତାଙ୍କ ସ୍ତ୍ରୀ ପ୍ରତିମାଙ୍କୁ ଘରକୁ ନେଇଯିବା ପାଇଁ ଚାହୁଁଥିଲେ। ତେଣୁ ବୁର୍ଲାର ମଧୁ ଛତ୍ରିଆ ସମାଜସେବୀ ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ରାମଦାସ ଯାଇ ଦେଖିବାବେଳକୁ ପ୍ରତିମା ଗୁରୁତର ଅବସ୍ଥାରେ ଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଘରକୁ ଯିବା ଭଳି ନଥିଲା। ତାଙ୍କ ସ୍ୱାମୀ ହର୍ଜନଙ୍କୁ ପଚାରିବାରୁ ତାଙ୍କ ପାଖରେ ଖାଇବା ପିଇବା ଓ ଅନ୍ୟ ଖର୍ଚ୍ଚ ପାଇଁ ଟଙ୍କା ନଥିବା କଥା ଜଣାଇଥିଲେ। ଏଭଳି ଅବସ୍ଥାରେ ପତ୍ନୀର କିଭଳି ଚିକିତ୍ସା କରିବି ବୋଲି ପ୍ରଶ୍ନ କରିଥିଲେ। ତାପରେ ରାମଦାସ ନିକଟରେ ଥିବା ଗୋଟିଏ ହୋଟେଲରେ ତାଙ୍କ ଖାଇବା ପିଇବା ବ୍ୟବସ୍ଥା କରିଦେଲେ। ଚିକିତ୍ସିତ ହେବାପରେ ଗତକାଲି ଶୁକ୍ରବାର ପ୍ରତିମା ସୁସ୍ଥ ହେବାରୁ ଭିମସାର ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରିଥିଲେ। ରାମଦାସ ଗୋଟିଏ ଗାଡ଼ି ଭଡ଼ା କରି ତାଙ୍କୁ ଗତକାଲି ସନ୍ଧ୍ୟା ୮ଟା ସମୟରେ ଘରକୁ ପଠାଇଥିଲେ। ଏହି କାର୍ଯ୍ୟରେ ନର୍ସିଙ୍ଗ ଅଫିସର ମଧୁସୂଦନ ଛତ୍ରିଆ, ଅନିଲ ଦେହୁରୀ, ବାବୁ ପଣ୍ଡା, ନାରାୟଣ ପ୍ରଧାନ ଏବଂ ବିପିନ ବିହାରୀ ପଣ୍ଡା ସହଯୋଗ କରିଥିଲେ।

## ପରିବେଶ ସୁରକ୍ଷାରେ ପରିସଂଖ୍ୟାନ ଓ କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ରହିଛି




ସମ୍ବଲପୁର, ୨୩।୮ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗରେ ଆଜି 'ପରିବେଶ ସମୀକ୍ଷାରେ ପରିସଂଖ୍ୟାନ ଏବଂ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ' ଶୀର୍ଷକ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ପ୍ରାଦ୍ୟୋଗିକ ସଂସ୍ଥାନର ଡଃ ସମ୍ବିତ ବକ୍ସି କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷାରେ କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରିସଂଖ୍ୟାନ ବିଭାଗ ମୁଖ୍ୟ ତଥା ସମ୍ମାନ ସଂଯୋଜକ ଡଃ ନିରୁପମା ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ପ୍ରଫେସର ସୁଧୀର କୁମାର ସାହୁ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟପୁସ୍ତକରେ ସୀମିତ ନରହି ବୈଜ୍ଞାନିକ ପଦ୍ଧତିରେ ପରିସଂଖ୍ୟାନକୁ ବୁଝିବାକୁ କହିଥିଲେ। ପରିସଂଖ୍ୟାନ ବିଷୟ ବିଶେଷଜ୍ଞ ରାଧେଶ୍ୟାମ ଜେନା ଆଜିର ଯୁଗରେ କିପରି ପରିସଂଖ୍ୟାନକୁ ନେଇକି ଏକ ସୁନ୍ଦର ପାଠ୍ୟ ପରିବେଶ ସୃଷ୍ଟି ହେବ ତାହା ଉପରେ ଆଲୋଚନା କରିଥିଲେ। ବିଭାଗର ଅତିଥି ପ୍ରାଧ୍ୟପକ ଡ. ବିରଞ୍ଚି ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜାତୀୟ ସମ୍ମାନରେ ବିଶ୍ୱବିଦ୍ୟାଳୟର ଗବେଷକ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

## ପଞ୍ଚମ ନକ୍‌ଆଉଟ୍ ଦ୍ୱିତୀୟ ଦିବସରେ ସିକିର୍ଡି ଦଳ ବିଜୟୀ

ବରପାଲି, ୨୩।୮ (ସମିସ): ବରପାଲି ବ୍ଲକ ଲେଣ୍ଡା କ୍ରୀଡା ସଂସଦ ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଦ୍ୱିତୀୟ ଦିବସରେ ସିକିର୍ଡି



ଦଳ ବିଜୟୀ ହୋଇଛି। ଆୟୋଜିତ ପ୍ରତିଯୋଗିତାରେ ଡ୍ରିମ୍ ୧୧ ବରଗଡ଼ ଓ ସିକିର୍ଡି ଦଳ ମଧ୍ୟରେ ଖେଳ ଖେଳାଯାଇଥିଲା। ଖେଳଟି ଅମିମାଂସିତ ରହିଯିବାରୁ ଟାଇବ୍ରେକର ଜରିଆରେ ସିକିର୍ଡି ଦଳ ୨-୧ ଗୋଲରେ ବିଜୟ ହାସଲ କରିଥିଲା। ମୁଖ୍ୟ ଅତିଥି ଭାବେ ବରଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ସଂଗ୍ରାମ ବାରିକ ଓ ସମ୍ମାନିତ ଅତିଥି ଭାବେ ବରପାଲି ଶ୍ରୀରାମ ସେନାର ସଭାପତି ପ୍ରବୀଣ ରାଉତ, ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ତଥା ଶ୍ରୀରାମ ସେନାର ଉପ ସଭାପତି ଲକ୍ଷ୍ମଣ ଅଗ୍ରୱାଲ ଯୋଗ ଦେଇଥିଲେ। ସୌଭାଗ୍ୟ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଖେଳ ଶିକ୍ଷକ ପ୍ରମୋଦ ପଧାନ, ଅନୁରୋଧ ପଧାନ, ସୁରେଶ ବେହେରା, ନରେଶ ପଧାନ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଓ ରାଧାକାନ୍ତ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସାମାଜିକ ଲିଙ୍ଗ ସମାନତା: ସମସ୍ୟା, ପ୍ରଚଳନ ଓ ଆଗାମୀ ପଥ ଶୀର୍ଷକ କର୍ମଶାଳା



ସମ୍ବଲପୁର, ୨୩।୮ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଅଧୀନସ୍ଥ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ 'ସାମାଜିକ ଲିଙ୍ଗ ସମାନତା: ସମସ୍ୟା, ପ୍ରଚଳନ ଓ ଆଗାମୀ ପଥ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କର୍ମଶାଳାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଏବଂ 'ବ୍ରେକଥ୍ରୁ' ସଂଗଠନର ରାଜ୍ୟ ମୁଖ୍ୟ ଡ. ରୁକ୍ମଣୀ ପଣ୍ଡା ଅତିଥି ଆଲୋଚକ ଭାବେ ଯୋଗଦେଇ ଥିଲେ। ସହକାରୀ ପ୍ରଫେସର ଶୁଭଲକ୍ଷ୍ମୀ ବୈଦାରଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଡ. କେଶବଚନ୍ଦ୍ର ରଥ ସ୍ୱାଗତଭାଷଣ ଏବଂ କର୍ମଶାଳା ସମ୍ପାଦକ ଡ. ବନିତା ମହାନନ୍ଦିଆ ସୂଚନା ପ୍ରଦାନ କରିଥିଲେ। ପତଙ୍ଗ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ, ପୋଷ୍ଟର ଓ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ହୀରାକୁଦ ସହର କଂଗ୍ରେସ କର୍ମକର୍ତ୍ତାଙ୍କ ବୈଠକ

ହୀରାକୁଦ, ୨୩।୮ (ସମିସ) : ହୀରାକୁଦ ସହର କଂଗ୍ରେସର କର୍ମକର୍ତ୍ତାଙ୍କ ଏକ ସାଂଗଠାନିକ ବୈଠକ ସ୍ଥାନୀୟ ବରିଷ୍ଠ ନାଗରିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପିସିସି ନିର୍ଦ୍ଦେଶକ୍ରମେ ଦଳକୁ କିପରି ନୂତନ ନେତୃତ୍ୱ ଦିଆଯାଇପାରିବ ଓ ଅଧିକ ସଂଗଠିତ କରାଯାଇପାରିବ ସେ ବିଷୟରେ ଶ୍ରୀ ପାଢ଼ୀ



କହିଥିଲେ। ହିଣ୍ଡାଲକୋର ହୀରାକୁଦକୁ ଅବହେଳା, ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ନଦେବା, ହୀରାକୁଦ ସହରର ବିପର୍ଯ୍ୟସ୍ତ ପରିମଳ, ବିପର୍ଯ୍ୟସ୍ଥ ସ୍ୱାସ୍ଥ୍ୟ ଚିକିତ୍ସା, ବିପର୍ଯ୍ୟସ୍ତ ପିଇବା ପାଣି, ରାସ୍ତାଘାଟ, ସମ୍ବଲପୁର ମହାନଗର ନିଗମର ଦୁର୍ନୀତି, ବାବୁରାଜ ଓ ମହାନଗର ନିର୍ବାଚନକୁ ନେଇ ଶ୍ରୀ ପାଢ଼ୀ କର୍ମୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏସବୁ ଅବ୍ୟବସ୍ଥା ଓ ଦୁର୍ନୀତି ନେଇ ବହୁତ୍ ଶୀଘ୍ର ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ଜନଆନ୍ଦୋଳନ କରିବ ବୋଲି ଶ୍ରୀ ପାଢ଼ୀ କହିଥିଲେ। ପିସିସି ନିର୍ଦ୍ଦେଶମତେ ହୀରାକୁଦ ସହର କଂଗ୍ରେସ ପାଇଁ କର୍ମକର୍ତ୍ତା ଚୟନ ହେବ ବୋଲି ସେ କହିଥିଲେ। ବୈଠକରେ ଏଆଇସିସି ସମ୍ପାଦକ ଆସଫ ଖାଁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ରବି ରାଉତ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ପାଞ୍ଚଜଣ ଡିସିସି ପର୍ଯ୍ୟବେକ୍ଷକ ଶିବବ୍ରତ ପ୍ରଧାନ, କାଳୁ ସ୍ୱାଇଁ, ସୂତପା ମିତ୍ର, ଏମଡି ମୁକ୍ତାର ଓ ବିରଞ୍ଚି ମହାପାତ୍ର ଯୋଗ ଦେଇଥିଲେ। କମଲେଶ୍ୱର ସିଂ, ଯମୁନା ବାଗ, ମଞ୍ଜୁ ହରିପାଲ, ଅଜୟ କୌଶଳ, ମୁସ୍ତାକ ହୁସେନ, ଜିତେନ ମହାନନ୍ଦ, ପ୍ରଶାନ୍ତ ସାମଲ, ଶାନ୍ତିଲତା ତାଣ୍ଡି, ପିଙ୍କୁ ସିଂ, ରଶ୍ମି ରଞ୍ଜନ ସ୍ୱାଇଁ, ସେବିକା ସାଗର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପିସିସି ସଭ୍ୟ ଗଣେଶ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ






ଭଟଲି, ୨୩।୮ (ସମିସ)

ବରଗଡ଼ ଜିଲ୍ଲା ଲେଖିକା ପରିଷଦ ଆନୁକୂଲ୍ୟରେ ଭଟଲି ବ୍ଲକ ଅଧୀନ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପରିଷଦର ଉପ ସଭାନେତ୍ରୀ ଅନୁସୂୟା ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ତନସନା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ନରେନ୍ଦ୍ର ପଧାନ, ସମ୍ମାନିତ ଅତିଥି ଭାବେ ଭଟଲି ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଗଜେନ୍ଦ୍ର ଦାଶ ଏବଂ ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇ କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କବିଙ୍କ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ପରିଷଦର ସଭ୍ୟା କବୟିତ୍ରୀ ସୁଦ୍ଧମା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଲେଖିକା ପରିଷଦର ସମ୍ପାଦିକା କବୟିତ୍ରୀ ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ପ୍ରତିଭା ନାଏକ, ଜ୍ୟୋତି ଭୁଏ ଓ ଉର୍ମିଳା ବରିହା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ସାଧନା ଭୋସାଗର, ସମ୍ରାଟ ସାହୁ ଓ ଦେବାଂଶୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ଉଚ୍ଛବ ଭୁଏ ଓ ପ୍ରଧାନଶିକ୍ଷକ ରାମ ହନୁମନ୍ତ ରେଡ୍ଡୀ ତଥା ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ତନସନାଙ୍କୁ ପ୍ରତିଭା ସମ୍ମାନ ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ, ମମତା ସାହୁ, ଶିକ୍ଷକ ଅଷ୍ଟମନ୍ୟୁ ବାରିକ, ଦିଲ୍ଲୀପ ପଧାନଙ୍କ ସମେତ ମହିଳା ସ୍ୱେଚ୍ଛାସେବୀ ମାନସୀ ଷଣ୍ଢ, ସାବିତ୍ରୀ ଭୁଏ, ସବିତା ବାଗ, ସାବିତ୍ରୀ ବାଡା, ପଞ୍ଚମୀ ନାଏକ, ତୁଳସୀ ସା ଏବଂ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ ସହଯୋଗ କରିଥିଲେ। ଶେଷରେ ଲେଖିକା ପରିଷଦ ବରିଷ୍ଠ ସଭ୍ୟା କୁନୁମତୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ:** ପାଇକମାଳ ବିନ୍ଧ୍ୟ ବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସ୍କୃତ ବିଶାରଦ ତଥା ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ପଣ୍ଡିତ ଡ.ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ସନ୍ଥ କବି ଭୀମ ଭୋଇ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆ ଯୋଗ ଦେଇଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପିକା ନିରୂପମା ପ୍ରଧାନ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିବା ବେଳେ ଅଧ୍ୟାପିକା ସବିତା ଭୋଇ ଧନ୍ୟବାଦ ଦେଇଥିଲେ।



**ପଦ୍ମପୁର:** ଜମଲା ଡିଗ୍ରୀ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.ବଭ୍ରୁବାହନ ମହାପାତ୍ର ଯୋଗଦେଇ ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ନାରୀ ଚରିତ୍ରର ମହନୀୟତା ଓ ପ୍ରକୃତି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜର ପରିଚାଳନା ପରିଷଦର ସଭାପତି କଳା କହ୍ନେଇ ପଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ମେହେର ସ୍ମୃତି ପରିଷଦ ଜମଲାର ସଭାପତି ଓ ସମ୍ପାଦକ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପିକା ସୁରେଖା ଭୁଏ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଦେଇଥିବା ବେଳେ ଇଂରାଜୀ ଅଧ୍ୟାପକ ଆଶିଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

